


# ସତ୍ୟବାର୍ତ୍ତା

# THE WORD OF TRUTH

## MAY & JUNE - 2009

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

# CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

VOL.14 May& June..2009 (No.5&6)

Published every two months in **Oriya** language for the Restoration of pure New Testament Christianity

Hear **SATYA VANI Oriya Radio** programme on **RadioSrilanka**
Every Sunday at 6:45 a.m.

Write for free Bible Correspondence course in Telugu & Oriya to:

The Director
Bible Correspondence Course
P.O.Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XIV KAKINADA MAY-JUN-2009


## ଆଦର୍ଶ
## (Example)

"ଆଦର୍ଶ" ଅର୍ଥାତ୍ ଅନୁସରଣୀୟ ପଥ । ଏହା ଏକ ପ୍ରାଧାନ୍ୟତାର ବିଷୟ । ଆଦର୍ଶ ଦ୍ୱାରା ଆମ୍ଭେମାନେ ସହଜ ଭାବେ ଶିକ୍ଷା କରିପାରୁ ଓ ସହଜ ଭାବେ କର୍ମ କରିପାରୁ । "ଆଦର୍ଶ" ଆମ୍ଭମାନଙ୍କୁ ସାହସ ଦିଏ ।

"ଏକ ଆଦର୍ଶ" ବିଷୟରେ ଧର୍ମଶାସ୍ତ୍ରରେ ଅନେକ ବିଷୟ ପଢ଼ିଥାଉ । ନମ୍ରତା ସହ ଖ୍ରୀଷ୍ଟ ଆପଣା ଶିଷ୍ୟମାନଙ୍କ ପାଦ ଧୌତ କରି କହିଥିଲେ, "କାରଣ ତୁମ୍ଭମାନଙ୍କ ପ୍ରତି ମୁଁ ଯେପରି କରିଅଛି, ତୁମ୍ଭେମାନେ ମଧ୍ୟ ଯେ ସେପରି କର, ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଅଛି ।" (ଯୋହନ ୧୩:୧୫)। ଇଶ୍ରାଏଲୀୟମାନେ ମନ୍ଦ ବିଷୟରେ ଅଭିଳାଷୀ ହୋଇ ଶାସ୍ତି ପାଇଥିଲେ, ଆମ୍ଭେମାନେ ସେମାନଙ୍କ ସଦୃଶ୍ୟ ମନ୍ଦ ଅଭିଳାଷୀ ନ ହେବା ନିମନ୍ତେ ସେମାନଙ୍କ ବିଷୟରେ ଧର୍ମଶାସ୍ତ୍ରରେ ଦୃଷ୍ଟାନ୍ତ ସ୍ୱରୂପ ଲିଖିତ ହୋଇଅଛି ବୋଲି ପ୍ରେରିତ ପାଉଲ, କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି । (୧ମ କରିନ୍ଥୀ ୧୦:୫) । "ଏହି ସମସ୍ତ ଦୃଷ୍ଟାନ୍ତ ସ୍ୱରୂପେ ସେମାନଙ୍କ ପ୍ରତି ଘଟିଲା, ଆଉ ଯେଉଁମାନଙ୍କ ସମୟରେ ଯୁଗାନ୍ତକାଳ ଉପସ୍ଥିତ ହୋଇଅଛି, ଏପରି ଯେ ଆମ୍ଭେମାନେ, ଆମ୍ଭମାନଙ୍କ ଚେତନା ନିମନ୍ତେ ସେହିସବୁ ଲେଖାଯାଇଅଛି । ଏଣୁ ଯେ ଆପଣାକୁ ସ୍ଥିର ବୋଲି ମନେ କରେ, ସେ ଯେପରି ପତିତ ନ ହୁଏ, ଏଥିନିମନ୍ତେ ସେ ସାବଧାନ ହେଉ ।" (୧ମ କରିନ୍ଥୀ ୧୧,୧୨, ଯିହୂଦା ୧୭) ।

ପ୍ରେରିତ ପାଉଲ ଫିଲିପୀୟ ମଣ୍ଡଳୀକୁ କହନ୍ତି,"ହେ, ଭ୍ରାତୃଗଣ, ତୁମ୍ଭେମାନେ

ଏକତ୍ର ମିଳି ମୋହର ଅନୁକାରୀ ହୁଅ, ପୁଣି ଆମ୍ଭମାନଙ୍କ ଠାରେ ଯେଉଁ ... ଦେଖୁଅଛ, ଯେଉଁମାନେ ତଦନୁଯାୟୀ ଆଚରଣ କରନ୍ତି ସେମାନଙ୍କ ପ୍ରତି ଦୃଷ୍ଟି କର'' (ଫିଲିପୀୟ ୩:୧୭) । ଥେସଲନୀକୀ ମଣ୍ଡଳୀକୁ ସେ ଲେଖନ୍ତି,''ହେ ଭ୍ରାତୃବୃନ୍ଦ, ଆମ୍ଭମାନଙ୍କ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନାମରେ ଆମ୍ଭେମାନେ ତୁମ୍ଭମାନଙ୍କୁ ଏହି ଆଜ୍ଞା ଦେଉଅଛୁ । ଯେକୌଣସି ଭାଇ ଆମ୍ଭମାନଙ୍କ ଠାରୁ ପ୍ରାପ୍ତ ଶିକ୍ଷାନୁସାରେ ଆଚରଣ ନ କରି ଅବିହିତ ଆଚରଣ କରେ, ତାହାଠାରୁ ଆପଣା ଆପଣାକୁ ପୃଥକ କର । କାରଣ କିପରି ଆମ୍ଭମାନଙ୍କୁ ଅନୁକରଣ କରିବା ତୁମ୍ଭମାନଙ୍କର ଉଚିତ, ତାହା ତୁମ୍ଭେମାନେ ନିଜେ ଜାଣୁଅଛ । ଯେଣୁ ଆମ୍ଭେମାନେ ତୁମ୍ଭମାନଙ୍କ ମଧ୍ୟରେ ଅବିହିତ ଆଚରଣ କରି ନ ଥିଲୁ । କିଅବା ବିନାମୂଲ୍ୟରେ କାହାରି ଅନ୍ନ ଭୋଜନ କରି ନ ଥିଲୁ, ବରଂ ତୁମ୍ଭମାନଙ୍କ ମଧ୍ୟରୁ କାହାରି ଭାରସ୍ୱରୂପ ନ ହେବା ପାଇଁ ପରିଶ୍ରମ ଓ କ୍ଳେଶ ସହ ଦିବାରାତ୍ର କାର୍ଯ୍ୟ କରିଥିଲୁ । ତୁମ୍ଭମାନଙ୍କ ଠାରୁ କିଛି ଗ୍ରହଣ କରିବାକୁ ଯେ ଆମ୍ଭମାନଙ୍କର ଅଧିକାର ନାହିଁ, ତାହା ନୁହେଁ, କିନ୍ତୁ ଯେପରି ତୁମ୍ଭେମାନେ ଆମ୍ଭମାନଙ୍କୁ ଅନୁସରଣ କର, ଏଥି ନିମନ୍ତେ ଆମ୍ଭେମାନେ ତୁମ୍ଭମାନଙ୍କ ନିକଟରେ ଆପଣା ଆପଣାକୁ ଆଦର୍ଶ ରୂପେ ଦେଖାଇବା ପାଇଁ ସେପରି କଲୁ ।'' (୨ ଥେସଲନୀକୀ ୩:୬-୯)

ପ୍ରେରିତ ପାଉଲ ଯୁବକ ତୀମଥିଙ୍କୁ ଲେଖନ୍ତି,''ତୁମ୍ଭର ଯୌବନାବସ୍ଥା ସକାଶେ କେହି ତୁମ୍ଭକୁ ତୁଚ୍ଛ ନ କରୁ । କିନ୍ତୁ ବାକ୍ୟରେ, ଆଚରଣରେ, ପ୍ରେମରେ, ବିଶ୍ୱାସରେ ଓ ପବିତ୍ରତାରେ ବିଶ୍ୱାସୀମାନଙ୍କ ଆଦର୍ଶ ସ୍ୱରୂପ ହୁଅ'' (୧ମ ତୀମଥି ୪:୧୨) । ପ୍ରେରିତ ପିତର କହନ୍ତି,''ଏଥିନିମନ୍ତେ ହିଁ ତୁମ୍ଭେମାନେ ଆହୂତ ହୋଇଅଛ, କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇଦେଇ ଯାଇଅଛନ୍ତି ।'' (୧ମ ପିତର ୪:୨୧)

ଯୀଶୁ ନିଜେ କହିଅଛନ୍ତି,''......କେହି ଯେବେ ମୋହର ଅନୁଗାମୀ ହେବାକୁ ଇଚ୍ଛା କରେ, ତେବେ ସେ ଆପଣାକୁ ଅସ୍ୱୀକାର କରୁ, ପୁଣି ପ୍ରତିଦିନ ଆପଣା କ୍ରୁଶ ଘେନି ମୋହର ଅନୁଗମନ କରୁ ।'' (ଲୂକ ୯:୨୩) । ''ସେହି ପ୍ରକାର ତୁମ୍ଭମାନଙ୍କର ଆଲୋକ ଲୋକଙ୍କ ସାକ୍ଷାତରେ ପ୍ରକାଶ ପାଉ, ପୁଣି ସେମାନେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ମହିମା କରିବେ ।'' (ମାଥିଉ ୫:୧୬) ।

ସାନ ସାନ ବାଳକମାନେ ଆପଣା ଆପଣା ପିତାଙ୍କର ପଦଚିହ୍ନ ଅନୁସରଣ କରନ୍ତି ବୋଲି ଆମ୍ଭେମାନେ ଜାଣୁ । ସାନ ସାନ ବାଳିକାମାନେ ଆପଣା ଆପଣା ମାତାମାନଙ୍କ ଅନୁକରଣ କରି କଣ୍ଢେଇଗୁଡ଼ିକ ସହିତ ଖେଳନ୍ତି । ଭଲ ହେଉ ବା ମନ୍ଦ ହେଉ ଛୋଟ ଛୋଟ ବାଳକବାଳିକାମାନେ ଆପଣା ଆପଣା ପିତାମାତାଙ୍କୁ ଅନୁକରଣ କରିବାରେ ଅଭ୍ୟସ୍ତ ।

ଯୁବସମାଜକୁ ଅନୁସରଣ କରିବା ନିମନ୍ତେ ଉତ୍ତମ ଉଦାହରଣର ଆବଶ୍ୟକତା ଥିବା ସ୍ଥଳେ, ସେମାନଙ୍କ ନିମନ୍ତେ ଉତ୍ତମ ଉଦାହରଣ ଦୁର୍ଲ୍ଲଭ । ତେଣୁକରି ଆଜିର ଜଗତର ସମସ୍ୟାର ସମ୍ମୁଖୀନ ହେଉଅଛି । ଆଜିର ସମାଜରେ ସୁଦୃଢ଼ ପାରିବାରିକ ବନ୍ଧନରୁ ଲୁପ୍ତ ହେଉଅଛି । ଅନେକ ପରିବାର ଭାଙ୍ଗି ପଡ଼ିଛି । ଛାଡ଼ପତ୍ର, ପୁନଃ ବିବାହ ଦ୍ୱାରା ସନ୍ତାନସନ୍ତତିମାନଙ୍କ ଲାଳନପାଳନ ସଠିକ ଭାବେ ହୋଇପାରୁନାହିଁ ।

ସୁସମାଚାର ପ୍ରଚାରକମାନଙ୍କ ନିମନ୍ତେ ଆଦର୍ଶ ବ୍ୟକ୍ତିମାନଙ୍କ ଅଭାବ ଦେଖାଯାଉଅଛି । ସୁସମାଚାର ପ୍ରଚାରକଙ୍କ କାର୍ଯ୍ୟ କରିବାକୁ ଆଗେଇ ଆସିବା ଯୁବକମାନଙ୍କ ସଂଖ୍ୟା କମି ଆସୁଅଛି । ଖ୍ରୀଷ୍ଟିୟାନମାନେ ଅନ୍ୟମାନଙ୍କ ସହିତ ସାକ୍ଷାତ କରି, ବାଇବଲ ଶିକ୍ଷା କରିବାରେ ଉତ୍ସୁକ ନୁହନ୍ତି । ସୁସମାଚାର ପ୍ରଚାରକମାନେ ଶ୍ରମ କରି ସୁସମାଚାର ପ୍ରଚାର କରିବାରେ ଅନିଚ୍ଛୁକ କାରଣ - ଉତ୍ତମ ଆଦର୍ଶର ଅଭାବ ।

ଶେଷରେ ଆମ୍ଭେମାନେ ଏହା ଜ୍ଞାତ ହେଉ ଯେ, ମନୁଷ୍ୟର ଜୀବନରେ ଆଦର୍ଶର ଅତି ପ୍ରାଧାନ୍ୟତା ରହିଅଛି । ଆଦର୍ଶ ବିନୁ ଅଭିବୃଦ୍ଧି ଆଣିବା କଷ୍ଟକର । ଆମ୍ଭେମାନେ ପ୍ରତ୍ୟେକ ଆଦର୍ଶ ଉପରେ ନିର୍ଭର କରୁ । ଆମ୍ଭେମାନେ ଅଜାଣତଭାବେ, ସମ୍ମୁଖରେ ଥିବା ଆଦର୍ଶର ଛାଞ୍ଚରେ ଆପଣା ଆପଣାକୁ ଗଢ଼ିଥାଉ । ଯେଉଁମାନେ ଆପଣଙ୍କୁ ଅନୁସରଣ କରୁଅଛନ୍ତି, ସେମାନଙ୍କ ନିମନ୍ତେ ଆପଣ କି ରୂପ ଆଦର୍ଶ ।ଟନ୍ତି ?

***- J.C. Choate***

❃❃❃

# ଯୀଶୁ – ପରମେଶ୍ୱରଙ୍କ ପୁତ୍ର
## (Jesus - The Son of God)

"ଯୀଶୁ ଶିଷ୍ୟମାନଙ୍କ ସାକ୍ଷାତରେ ଏହିପରି ଅନେକ ଓ ବିଭିନ୍ନ ପ୍ରକାର ଆଶ୍ଚର୍ଯ୍ୟକର୍ମ ସାଧନ କଲେ; ସେହିସବୁ ଏହି ପୁସ୍ତକରେ ଲେଖା ହୋଇନାହିଁ, କିନ୍ତୁ ତୁମ୍ଭେମାନେ ଯେପରି ବିଶ୍ୱାସ କର ଯେ, ଯୀଶୁ ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ ଅଟନ୍ତି, ପୁଣି ବିଶ୍ୱାସ କର ଯେପରି ତୁମ୍ଭେମାନେ ତାହାଙ୍କ ନାମରେ ଜୀବନ ପ୍ରାପ୍ତ ହୁଅ, ଏଥି ନିମନ୍ତେ ଏ ସମସ୍ତ ଲେଖାଯାଇଅଛି ।" (ଯୋହନ ୨୦:୩୦,୩୧)

ସଦାପ୍ରଭୁ ପରମେଶ୍ୱର ପ୍ରଥମ ମନୁଷ୍ୟ ଆଦମଙ୍କୁ ଓ ପ୍ରଥମ ନାରୀ ହବାଙ୍କୁ ସୃଷ୍ଟି କରି ଏଦନ ଉଦ୍ୟାନରେ ରଖିଥିବାର ବିବରଣ ଆମ୍ଭେମାନେ ବାଇବଲର ପ୍ରଥମ ପୁସ୍ତକ, ଆଦି ପୁସ୍ତକରେ ପଢ଼ିଥାଉ । ସଦାପ୍ରଭୁ ସେମାନଙ୍କୁ ଯେଉଁ ଆଜ୍ଞା ଦେଇଥିଲେ, ସେମାନେ ସେହି ଆଜ୍ଞା ଲଂଘନ କରିଥିଲେ । ଆଜ୍ଞା ଲଂଘନ ହିଁ ପାପ । ଆମ୍ଭେମାନେ ମଧ୍ୟ ପରମେଶ୍ୱରଙ୍କ ଆଜ୍ଞା ଲଂଘନ କରି ପାପ କରିଅଛୁ । "…..ପାପର ବେତନ ମୃତ୍ୟୁ……" (ରୋମୀୟ ୩:୨୩) । ଏହା କେବଳ ଶାରୀରିକ ମୃତ୍ୟୁ ନୁହେଁ, କିନ୍ତୁ ଆତ୍ମିକ ମୃତ୍ୟୁ, ଅର୍ଥାତ୍ ଅନନ୍ତକାଳ ନିମନ୍ତେ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହେବା । ଏହି ବିଷୟରେ ପ୍ରେରିତ ପାଉଲ କହନ୍ତି,"……ଯେଉଁଦିନ ସେ ଆପଣା ସାଧୁମାନଙ୍କ ଦ୍ୱାରା ଗୌରବାନ୍ୱିତ ହେବାକୁ ଓ ବିଶ୍ୱାସ କରିଥିବା ଲୋକ ସମସ୍ତଙ୍କ ଦ୍ୱାରା ଚମତ୍କାର ଦୃଶ୍ୟ ସ୍ୱରୂପ ହେବାକୁ ଆସିବେ (କାରଣ ତୁମ୍ଭମାନଙ୍କ ନିକଟରେ ଆମ୍ଭମାନଙ୍କ ସାକ୍ଷ୍ୟ ତୁମ୍ଭେମାନେ ବିଶ୍ୱାସ କରିଅଛ) ସେହିଦିନ ସେମାନେ ଦଣ୍ଡ ପାଇବେ ଅର୍ଥାତ୍ ପ୍ରଭୁଙ୍କ ଛାମୁରୁ ଓ ତାହାଙ୍କ ପରାକ୍ରମର ଗୌରବରୁ ଦୂରୀକୃତ ହୋଇ ଅନନ୍ତ ବିନାଶ ଭୋଗ କରିବେ ।" (୨ୟ ଥେସଲନୀକୀ ୧:୯-୧୦)

ଅନନ୍ତ ବିନାଶ ଓ ଅନନ୍ତ ଶାସ୍ତି ଠାରୁ ବଞ୍ଚିତ ହେବା ନିମନ୍ତେ ଆମ୍ଭମାନଙ୍କ ପରମେଶ୍ୱରଙ୍କୁ ଜାଣି, ତାହାଙ୍କ ଆଜ୍ଞା ପାଳନ କରିବା ଆବଶ୍ୟକ । ବାଇବଲ ଆମ୍ଭମାନଙ୍କୁ ପରମେଶ୍ୱର ଓ ତାହାଙ୍କ ଦତ୍ତ ପରିତ୍ରାଣ ବିଷୟରେ ଜଣାଏ । ମନୁଷ୍ୟ ପାପରେ ପତିତ ହେବା ଏଦନ ଉଦ୍ୟାନରେ ହେଁ, ସଦାପ୍ରଭୁ ମନୁଷ୍ୟର ବିମୁକ୍ତିର ଯୋଜନା କରିଥିଲେ । (ଆଦି ୩:୧୫)

ତତ୍ପରେ, ସଦାପ୍ରଭୁ ଅବ୍ରାହାମ ଓ ତାହାଙ୍କ ସନ୍ତାନମାନଙ୍କୁ ଆପଣା ସ୍ୱଜନ ରୂପେ ମନୋନୀତ କରିଥିଲେ । "ଆମ୍ଭେ ଆକାଶର ତାରାଗଣ ପରି ତୁମ୍ଭର ବଂଶ ବୃଦ୍ଧି କରି ସେମାନଙ୍କୁ ଏହିସବୁ ଦେଶ ଦେବା ଓ ତୁମ୍ଭର ବଂଶ ବୃଦ୍ଧି କରି ପୃଥିବୀସ୍ଥ ଯାବତୀୟ ଜାତି ଆଶୀର୍ବାଦ ପ୍ରାପ୍ତ ହେବେ ।" (ଆଦି ୨୬:୪) ଯେଉଁ ସନ୍ତାନ ଦ୍ୱାରା ପୃଥିବୀସ୍ଥ ସମସ୍ତ ଜାତି ଆଶୀର୍ବାଦ ପ୍ରାପ୍ତ ହେଲେ, ସେହି ସନ୍ତାନ ଯୀଶୁଖ୍ରୀଷ୍ଟ । (ଗାଲାତୀ ୩:୧୬) । ଜଗତର ଉଦ୍ଧାରକର୍ତ୍ତା ଯୀଶୁଖ୍ରୀଷ୍ଟ, ଅବ୍ରାହମଙ୍କ ବଂଶଜ ଅଟନ୍ତି ।

**ଅସମାନ୍ୟ ଯୀଶୁ :** ଯୀଶୁଖ୍ରୀଷ୍ଟ ଏହି ଜଗତରେ ୨୦୦୦ ବର୍ଷ ପୂର୍ବ ଜନ୍ମଗ୍ରହଣ କରିଥିଲେ । ସେ ସମ୍ପୂର୍ଣ୍ଣ ଭାବେ ମନୁଷ୍ୟ ଓ ସମ୍ପୂର୍ଣ୍ଣ ଭାବେ ଈଶ୍ୱର ଅଟନ୍ତି । ଏହା ବୁଝିବାକୁ କଷ୍ଟକର ହେଲେ ସୁଦ୍ଧା, ବାକ୍ୟ ସରଳ ଭାବେ ବୁଝାଇ କହେ, "ଆଦ୍ୟରେ ବାକ୍ୟ ଥିଲେ, ବାକ୍ୟ ଈଶ୍ୱରଙ୍କ ସଙ୍ଗରେ ଥିଲେ, ସେହି ବାକ୍ୟ ଈଶ୍ୱର ଥିଲେ । ସେ ଆଦ୍ୟରେ ଈଶ୍ୱରଙ୍କ ସହିତ ଥିଲେ....ଆଉ, ସେହି ବାକ୍ୟ ଦେହବନ୍ତ ହେଲେ, ପୁଣି ଅନୁଗ୍ରହ ଓ ସତ୍ୟରେ ପରିପୂର୍ଣ୍ଣ ହୋଇ ଆମ୍ଭମାନଙ୍କ ମଧ୍ୟରେ ବାସ କଲେ, ଆଉ ପିତାଙ୍କ ଠାରୁ ଆଗତ ଅଦ୍ୱିତୀୟ ପୁତ୍ରଙ୍କ ମହିମା ସଦୃଶ୍ୟ ଆମ୍ଭେମାନେ ତାହାଙ୍କ ମହିମା ଦେଖିଲୁ ।" (ଯୋହନ ୧:୧ ଓ ୧୪)

ଶାରୀରିକ ଭାବେ, ସେ ଏହି ଜଗତରେ ଅବ୍ରାହାମଙ୍କ ବଂଶଜ । କିନ୍ତୁ ସେ ଐଶ୍ୱରିକତ୍ୱର ଅଂଶ ଅଟନ୍ତି । ବାକ୍ୟରୂପୀ ପରମେଶ୍ୱର ଆମ୍ଭମାନଙ୍କ ମଧ୍ୟରେ ବାସ କଲେ । "କାରଣ ଖ୍ରୀଷ୍ଟଙ୍କ ଠାରେ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ଦେହବନ୍ତ ହୋଇ ବାସ କରେ ।" (କଲସୀ ୧:୯) ଐଶ୍ୱରିକ ଶକ୍ତି ଦ୍ୱାରା କନ୍ୟା ମରିୟମ, ଯୀଶୁଖ୍ରୀଷ୍ଟଙ୍କୁ ଏହି ଜଗତରେ ଜନ୍ମ ଦେଇଥିଲେ । "ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ । .....କିନ୍ତୁ ମରିୟମ ଦୂତଙ୍କୁ କହିଲେ, ଏହା କିପରି ହେବ ? ମୁଁ ତ ପୁରୁଷକୁ ଜାଣେ ନାହିଁ । ଦୂତ ତାଙ୍କୁ ଉତ୍ତର ଦେଲେ, ପବିତ୍ର ଆତ୍ମା ତୁମ୍ଭ ଉପରେ ଅବତରଣ କରିବେ ଓ ପରାତ୍ପରଙ୍କ ଶକ୍ତି ତୁମ୍ଭକୁ ଆବୋରିବେ, ଏଣୁ ଯେ ଜାତ ହେବେ, ସେ ପବିତ୍ର ଓ ଈଶ୍ୱରଙ୍କ ପୁତ୍ର ବୋଲି ଖ୍ୟାତ ହେବେ ।" (ଲୁକ ୧:୩୧, ୩୪-୩୫)

ଯୀଶୁଖ୍ରୀଷ୍ଟ ଅଧେ ମନୁଷ୍ୟ ଓ ଅଧେ ଈଶ୍ୱର ନୁହନ୍ତି । ସେ ବେଳେବେଳେ ଆପଣାକୁ "ମନୁଷ୍ୟ ପୁତ୍ର" ଓ ବେଳେବେଳେ ଆପଣାକୁ "ଈଶ୍ୱର ପୁତ୍ର" ରୂପେ

ପରିଚିତ କରୁଥିଲେ, କାରଣ ତାହାଙ୍କ ଠାରେ ସମ୍ପୂର୍ଣ୍ଣ ମନୁଷ୍ୟତ୍ୱ ଓ ସମ୍ପୂର୍ଣ୍ଣ ଈଶ୍ୱରତ୍ୱ ବାସ କରେ । "ପୁତ୍ର" ଅର୍ଥାତ୍ ପିତାର ଛାୟା । ତେଣୁକରି ଯୀଶୁଖ୍ରୀଷ୍ଟ ସମ୍ପୂର୍ଣ୍ଣ ଭାବେ ମନୁଷ୍ୟ ଓ ସମ୍ପୂର୍ଣ୍ଣ ଈଶ୍ୱର ଅଟନ୍ତି । "ଖ୍ରୀଷ୍ଟ ଯୀଶୁଙ୍କର ଯେପରି ମନ ଥିଲା, ତୁମ୍ଭମାନଙ୍କର ସେହିପରି ମନ ହେଉ, ସେ ଈଶ୍ୱର ରୂପୀ ହେଲେ ହେଁ, ଈଶ୍ୱରଙ୍କ ସହିତ ସମାନ ହୋଇ ରହିବା ନିଜ ନିମନ୍ତେ ଧରି ରଖିବାର ବିଷୟ ମନେ କଲେ ନାହିଁ । କିନ୍ତୁ ମନୁଷ୍ୟ ସଦୃଶ୍ୟ ହୋଇ ଦାସ ରୂପ ଧାରଣ କରି ଆପଣାକୁ ଶୂନ୍ୟ କଲେ । ପୁଣି, ମନୁଷ୍ୟ ଭାବରେ ଦେଖାଯାଇ ମୃତ୍ୟୁ ପର୍ଯ୍ୟନ୍ତ, ହଁ, କ୍ରୁଶୀୟ ମୃତ୍ୟୁ ପର୍ଯ୍ୟନ୍ତ ଆଜ୍ଞାବହ ହୋଇ ଆପଣାକୁ ଅବନତ କଲେ । ଏହି କାରଣରୁ ଈଶ୍ୱର ତାହାଙ୍କୁ ଅତିଶୟ ଉନ୍ନତ କରିଅଛନ୍ତି, ପୁଣି ସମସ୍ତ ନାମ ଅପେକ୍ଷା ସର୍ବୋତ୍କୃଷ୍ଟ ନାମ ତାହାଙ୍କୁ ପ୍ରଦାନ କରିଅଛନ୍ତି ।" (ଫିଲୀପ ୨:୫-୮)

**ଅନନ୍ତ ଯୀଶୁ :** ଯିହୂଦୀମାନଙ୍କୁ ଯୀଶୁ କହିଲେ, "......ସତ୍ୟ ସତ୍ୟ ମୁଁ ତୁମ୍ଭମାନଙ୍କୁ କହୁଅଛି, ଅବ୍ରାହାମଙ୍କ ଜନ୍ମ ପୂର୍ବରୁ ମୁଁ ଅଛି ।" (ଯୋହନ ୮:୫୮) । ଯଦିଓ, ଯୀଶୁଙ୍କ ଜନ୍ମର ୨୦୦୦ ବର୍ଷ ପୂର୍ବେ ଅବ୍ରାହମ ଏହି ଜଗତରେ ନିବାସ କରୁଥିଲେ, ସେ ଅବ୍ରାହମଙ୍କ ସମୟ ପୂର୍ବରୁ ପିତା ଈଶ୍ୱରଙ୍କ ସହିତ ଥିଲେ । "ମୁଁ ଅଛି (I am)ର ଅର୍ଥ ସେ ସର୍ବଦା ଅଛନ୍ତି । ପିତା ପରମେଶ୍ୱରଙ୍କ ଦ୍ୱାରା ସେ ଏହି ଜଗତରେ ପ୍ରେରିତ ହୋଇଥିଲେ (ଯୋହନ ୫:୨୩) । ସେ ସ୍ୱର୍ଗରୁ ଆସି (ଯୋହନ ୬:୩୮), ସ୍ୱର୍ଗକୁ ଫେରିଗଲେ (ଯୋହନ ୧୩:୩) । ସେ ଆପଣାକୁ ପରମେଶ୍ୱରଙ୍କ ସହିତ ସମାନ କରି କଥା କହୁଥିଲେ । (ଯୋହନ ୫:୧୭,୧୮) ତେଣୁକରି ଯିହୂଦୀମାନେ ତାହାଙ୍କୁ ବଧ କରିବାକୁ ଯୋଜନା କଲେ ।

**ପରିତ୍ରାଣକର୍ତ୍ତା ଯୀଶୁ :** "ଯୀଶୁ" ନାମର ଅର୍ଥ "ତ୍ରାଣକର୍ତ୍ତା" । ଦୂତ ଗାବ୍ରୀୟେଲ ମରିୟମଙ୍କୁ କହିଲେ,"ଆଉ ଦେଖ, ତୁମ୍ଭେ ଗର୍ଭଧାରଣ କରି ଗୋଟିଏ ପୁତ୍ର ପ୍ରସବ କରିବ ଓ ତାହାଙ୍କ ନାମ ଯୀଶୁ ଦେବ ।" (ଲୂକ ୧:୩୧) ".......କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ ।" (ମାଥିଉ ୧:୨୧)

ଏହି ଉଦ୍ଦେଶ୍ୟରେ ଯୀଶୁ ସ୍ୱର୍ଗ ପରିତ୍ୟାଗ କରି ଏହି ଜଗତରେ ଅବତରଣ କରିଥିଲେ । ମନୁଷ୍ୟରୂପ ଧାରଣକାରୀ ଯୀଶୁ, ଆପଣା ଐଶ୍ୱରିକତ୍ୱ ଏହି ଜଗତରେ

ପ୍ରମାଣ ନିମନ୍ତେ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ । ଅନେକ ଆଶ୍ଚର୍ଯ୍ୟକର୍ମ, ଚିହ୍ନ ଦ୍ୱାରା ସେ ଈଶ୍ୱରଙ୍କ ପୁତ୍ର ଓ ମାନବର ପରିତ୍ରାଣକର୍ତ୍ତା ରୂପେ ପ୍ରମାଣିତ ହୋଇଥିଲେ । (ଯୋହନ ୨୦:୩୦, ୩୧)

ଅଠତିରିଶି ବର୍ଷ ପର୍ଯ୍ୟନ୍ତ ଚାଲିବାକୁ ଅକ୍ଷମ ଏକ ବ୍ୟକ୍ତିଙ୍କୁ ସେ ସୁସ୍ଥ କରିଥିଲେ । (ଯୋହନ ୫:୫-୯) । ପାଞ୍ଚରୋଟୀ ଓ ଦୁଇ ମାଛ ଦ୍ୱାରା ସେ ପାଞ୍ଚ ହଜାର ପୁରୁଷ ଓ ଅନେକ ସ୍ତ୍ରୀ ଓ ସନ୍ତାନସନ୍ତତିମାନଙ୍କୁ ଖାଦ୍ୟ ପରିବେଷଣ କରିଥିଲେ । (ଯୋହନ ୯:୧-୭) । ସେ ମୃତ ଲାଜରଙ୍କୁ ପୁର୍ନଃଜୀବିତ କରିଥିଲେ । ସେ ଆହୁରି ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ ଯାହାକି ବାଇବଲରେ ଲିଖିତ ହୋଇନାହିଁ ।

"ନିସ୍ତାରପର୍ବର ଉତ୍ସବ ସମୟରେ ସେ ଯିରୁଶାଲମରେ ଥିବା ବେଳେ ତାହାଙ୍କ ସାଧିତ ଆଶ୍ଚର୍ଯ୍ୟକର୍ମଗୁଡ଼ିକ ଦେଖି ତାହାଙ୍କ ନାମରେ ବିଶ୍ୱାସ କଲେ ।" (ଯୋହନ ୨:୨୩) । "ସେ ରୋଗୀମାନଙ୍କ ପ୍ରତି ଯେଉଁ ଯେଉଁ ଆଶ୍ଚର୍ଯ୍ୟକର୍ମ କରୁଥିଲେ, ସେହିସବୁ ଦେଖି ବହୁ ସଂଖ୍ୟକ ଲୋକ ତାହାଙ୍କ ପଶ୍ଚାଦ୍‌ଗମନ କରିବାକୁ ଲାଗିଲେ ।" (ଯୋହନ ୬:୨) । "......ହେ ଗୁରୁ, ଆପଣ ଯେ ଈଶ୍ୱରଙ୍କ ଠାରୁ ଆଗତ ଗୁରୁ, ଏହା ଆମ୍ଭେମାନେ ଜାଣୁ, କାରଣ ଆପଣ ଏହି ଯେଉଁ ସମସ୍ତ ଆଶ୍ଚର୍ଯ୍ୟକର୍ମ କରୁଅଛନ୍ତି, ଈଶ୍ୱର ସାଙ୍ଗରେ ନଥିଲେ ସେହିସବୁ କେହି କରିପାରେ ନାହିଁ ।" (ଯୋହନ ୩:୨)

ଯୀଶୁ, ଲାଜରଙ୍କୁ ମୃତମାନଙ୍କ ଠାରୁ ପୁର୍ନଃଜୀବିତ କରିବା ପରେ ଯିହୂଦୀମାନେ ତାହାଙ୍କ ଠାରେ ବିଶ୍ୱାସ କରିବାକୁ ଲାଗିଲେ, କିନ୍ତୁ ଯାଜକମାନେ ଈର୍ଷାରେ ତାହାଙ୍କୁ ବଧ କରିବାରେ ଯୋଜନା କଲେ । (ଯୋହନ ୧୨:୯-୧୧) । ଶେଷରେ ସେମାନେ ଯୀଶୁଙ୍କୁ ବଧ କଲେ । ଜଗତର ପରିତ୍ରାଣ ନିମନ୍ତେ ଯୀଶୁଖ୍ରୀଷ୍ଟଙ୍କୁ କ୍ରୁଶରେ ହତ ହେବା ନିମନ୍ତେ ସଦାପ୍ରଭୁ ଜଗତର ସୃଷ୍ଟିର ପ୍ରାରମ୍ଭରେ ଯୋଜନା କରିଥିଲେ । ସେ ନିଷ୍ପାପୀ ହୋଇଥିବାରୁ, ଆମ୍ଭମାନଙ୍କ ସ୍ଥାନରେ ସେ ଆମ୍ଭମାନଙ୍କ ନିମନ୍ତେ ହତ ହେଲେ । କିନ୍ତୁ ସଦାପ୍ରଭୁ ତାହାଙ୍କୁ ପୁର୍ନଃଜୀବିତ କରିଥିଲେ । ପେଣ୍ଟିକଷ୍ଟ ଦିନରେ ଏହି ସତ୍ୟ ପିତର, ଯିରୁଶାଲମସ୍ଥ ଜନତାକୁ ପ୍ରକଟ କରିଥିଲେ । "ହେ ଇସ୍ରାଏଲୀୟ ଲୋକମାନେ ଏହି ସମସ୍ତ କଥା ଶୁଣନ୍ତୁ, ନାଜରିତୀୟ ଯୀଶୁ ନାନା ଶକ୍ତିର କାର୍ଯ୍ୟ, ଅଦ୍ଭୁତ କର୍ମ ଓ ଲକ୍ଷଣ ଦ୍ୱାରା ଆପଣମାନଙ୍କ ନିକଟରେ ଈଶ୍ୱରଙ୍କ ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ ହୋଇଅଛନ୍ତି, ଏହା ଆପଣମାନେ ନିଜେ ନିଜେ ଜାଣନ୍ତି । ସେହି ବ୍ୟକ୍ତି ଈଶ୍ୱରଙ୍କ ନିରୂପିତ ସଂକଳ୍ପ ଓ ପୂର୍ବାଜ୍ଞାନୁସାରେ ସମର୍ପିତ ହୁଅନ୍ତେ, ଆପଣମାନେ ...

ଅଧାର୍ମିକମାନଙ୍କ ହସ୍ତ ଦ୍ୱାରା କ୍ରୁଶାରୋପଣ କରି ବଧ କରିଥିଲେ ।'' (ପ୍ରେରିତ ୨:୨୨,୨୩) ''ଏହି ଯୀଶୁଙ୍କୁ ଈଶ୍ୱର ଉଠାଇଅଛନ୍ତି, ସେ ବିଷୟରେ ଆମ୍ଭେମାନେ ସମସ୍ତେ ସାକ୍ଷୀ । ଇଶ୍ରାଏଲ କୂଳ ନିଶ୍ଚୟ ଜାଣନ୍ତୁ ଯେ, ଯେଉଁ ଯୀଶୁଙ୍କୁ ଆପଣମାନେ ବଧ କଲେ, ତାହାଙ୍କୁ ଈଶ୍ୱର, ପ୍ରଭୁ ଓ ଖ୍ରୀଷ୍ଟ ଉଭୟ ପଦରେ ନିଯୁକ୍ତ କରିଅଛନ୍ତି ।'' (ପ୍ରେରିତ ୨:୩୬)

ଯୀଶୁଖ୍ରୀଷ୍ଟ ସ୍ୱଇଚ୍ଛାରେ ପାପୀମାନଙ୍କ ଦ୍ୱାରା ହତ ହେଲେ, ଯେହେତୁ ତାହାଙ୍କ ମରଣରେ ମାନବ ଜାତିର ମୁକ୍ତି । ତାହାଙ୍କ ବାକ୍ୟର ଆଜ୍ଞାବହ ହୋଇ ବାପ୍ତିଜିତ ହେବା ଦ୍ୱାରା ତାହାଙ୍କ ରକ୍ତ ଆମ୍ଭମାନଙ୍କ ସମସ୍ତ ପାପରୁ ଆମ୍ଭମାନଙ୍କୁ ମୁକ୍ତ କରେ । ବାପ୍ତିଜିତ ହୋଇ ପରିତ୍ରାଣ ହୋଇ ପରିତ୍ରାଣପ୍ରାପ୍ତ ହେବା ପ୍ରତ୍ୟେକେ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । ସଂଯୁକ୍ତ ହେବା ଖ୍ରୀଷ୍ଟିୟାନମାନେ ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଜୀବନରୂପ ମୁକୁଟ ପ୍ରାପ୍ତ ହେବେ । ଏହା ହିଁ ପରମେଶ୍ୱରଙ୍କ ଯୋଜନା ।

***- Philemon Raja***

❋❋❋

# ପଥହରା ଭାଇଙ୍କୁ ଫେରାଇ ଆଣିବା

## *(Bringing our wayward Brotheren Back)*

''ହେ ଭାଇମାନେ, ଯଦି କେହି କୌଣସି ଅପରାଧରେ ଧରାପଡ଼େ, ଆତ୍ମିକ ଯେ ତୁମ୍ଭେମାନେ, ତୁମ୍ଭେମାନେ ମୃଦୁଭାବରେ ସେହି ପ୍ରକାର ଲୋକଙ୍କୁ ସଂଶୋଧନ କର, ପୁଣି ଏହା ଜାଣି ନିଜେ ମଧ୍ୟ ପରୀକ୍ଷାରେ ପଡ଼ିପାର, ଏଥିପାଇଁ ଆପଣା ବିଷୟରେ ସାବଧାନ ହୁଅ ।'' (ଗାଲାତୀ ୬:୧) । ପଥହରା ଭାଇମାନଙ୍କୁ ପୁନଃସ୍ଥାପନ କରିବାରେ ଆଜିର ମଣ୍ଡଳୀ ବିଫଳ ହୋଇଅଛି ।

ବିଶ୍ୱାସ କରି ବାପ୍ତିଜିତ ହେବାର ପାଞ୍ଚ ବର୍ଷ ପରେ କେବଳ ଶତକଡ଼ା ପଚାଶ ଲୋକେ ବିଶ୍ୱସ୍ତ ଭାବେ ଆରାଧନାରେ ଯୋଗ ଦିଅନ୍ତି । ଭାଇମାନେ, ଏହା ଅତି ଦୁଃଖର ବିଷୟେ ! ଖ୍ରୀଷ୍ଟଙ୍କ ଠାରେ ଜନ୍ମ ନେଇଥିବା ଶିଶୁମାନଙ୍କୁ ଶିକ୍ଷାଦେଇ, ଉତ୍ସାହ ଦେଇ, ସ୍ନେହ ଅନୁରାଗ ଦେଖାଇ, ସେମାନଙ୍କ ଯତ୍ନ ନେଉ । ସେମାନେ ପରମେଶ୍ୱର ପରିବାରର ଅଭିନ୍ନ ଅଂଶ ।

ନମ୍ରତା ସହ ପଥହରା ଖ୍ରୀଷ୍ଟିୟାନମାନଙ୍କୁ ପୁନଃସ୍ଥାପନ କରିବା ନିମନ୍ତେ ପ୍ରେରିତ ପାଉଲ ଆମ୍ଭମାନଙ୍କୁ ଆଜ୍ଞା ଦେଇଅଛନ୍ତି । ଆମ୍ଭମାନଙ୍କ ଭାଇମାନଙ୍କ ଭଲମନ୍ଦ ବିଷୟରେ ଆମ୍ଭେମାନେ ଅମନଯୋଗୀ ହେଲେ, ତାହାଙ୍କ ଆଜ୍ଞା ଆମ୍ଭେମାନେ ପାଳନ କରୁନାହୁଁ । ଆମ୍ଭେମାନେ ଯେଉଁମାନଙ୍କୁ ଜାଣୁ ନାହୁଁ, ତାହାଙ୍କ ବିଷୟରେ କିପରି ମନଯୋଗୀ ହୋଇପାରିବୁ ? ମଣ୍ଡଳୀ ପରମେଶ୍ୱରଙ୍କ ପରିବାର, ଆମ୍ଭେମାନେ ପରସ୍ପରକୁ ଅଗାଢ଼ ଭାବେ ପ୍ରେମ କରୁ । ଏକ ଆରେକ ନିମନ୍ତେ ପ୍ରାର୍ଥନା କରୁ । ପରସ୍ପର ସହିତ ସମୟ ବିତାଇ, ପରସ୍ପରର ଭଲମନ୍ଦ ବିଷୟରେ ଜ୍ଞାତ ରହୁ । ଏପରି ଭାବେ ପରସ୍ପର ମଧ୍ୟରେ ବନ୍ଧନ ଦୃଢ଼ ହୋଇପାରେ । ଆମ୍ଭମାନଙ୍କ ଆତ୍ମିକ ପରିବାରର ପ୍ରତି ପ୍ରେମ, ଅନୁରାଗ ଥିଲେ, ସେମାନଙ୍କ ମଧ୍ୟରୁ କେହି ପଥହରା ହେଲେ ଆମ୍ଭେମାନେ ନିଶ୍ଚିତ ଭାବେ ଦୁଃଖିତ ହେବୁ ।

ଯେଉଁମାନେ ହୃଦୟ ସହ ପରମେଶ୍ୱରଙ୍କ ସୁସମାଚାର ଆଜ୍ଞାପାଳନ କରନ୍ତି, ସେମାନେ ପରମେଶ୍ୱରଙ୍କ ସନ୍ତାନ ହୋଇ, ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭) । ସେ ଅବିଶ୍ୱସ୍ତ ହେଲେ ସୁଦ୍ଧା ସେ କେବେ ବି ପରିତ୍ୟାଗ କରି ନଥିଲେ । ପରମେଶ୍ୱର ସେମାନଙ୍କ ବିଷୟରେ ଦୁଃଖିତ ହୋଇ, ଯେତେଥର ମନ ପରିବର୍ତ୍ତନ କଲେ ସେତେଥର ସେମାନଙ୍କୁ କ୍ଷମା କରିଥିଲେ । ଆମ୍ଭେମାନେ ପ୍ରତ୍ୟେକେ ଆମ୍ଭମାନଙ୍କ ଭାଇମାନଙ୍କ 'ରକ୍ଷକ' ହେଉ । ଅନ୍ୟମାନଙ୍କ ନିମନ୍ତେ ଆଦର୍ଶମୟ ଜୀବନଯାପନ କରୁ, ପରସ୍ପରକୁ ଉତ୍ସାହିତ କରି ପରସ୍ପରକୁ ଗଢୁ । ଆତ୍ମାର ମଙ୍ଗଳ ବିଷୟ କିଅବା ଅନନ୍ତକାଳ ବିତାଇବା ଜୀବନ ବିଷୟରେ ଚର୍ଚ୍ଚା କରିବାକୁ ଲଜ୍ଜାବୋଧ ନ କରୁ । ଆମ୍ଭମାନଙ୍କ ଆତ୍ମିକ ଭାଇଭଉଣୀମାନଙ୍କ କୁଶଳ, ମଙ୍ଗଳରେ ସର୍ବଚେଷ୍ଟିତ ରହୁ । ଆତ୍ମିକତାରେ ବୃଦ୍ଧି ପାଉ ।

ଭାଇମାନେ, ଆମ୍ଭେମାନେ ଅନନ୍ତ ଜୀବନ ନିମନ୍ତେ ପ୍ରସ୍ତୁତ ହେଉଅଛୁ । ଖ୍ରୀଷ୍ଟଧର୍ମ ସ୍ୱଚ୍ଛ ବିଷୟ ନୁହେଁ । ଆମ୍ଭେମାନେ ତାହା ସ୍ୱଚ୍ଛ ଭାବେ ନ ନେଉ । ଆମ୍ଭମାନଙ୍କ ଆତ୍ମାର ମଙ୍ଗଳ ଏହିସବୁ ବିଷୟ ଉପରେ ନିର୍ଭର କରେ ।

*- Dale Grissom*

❋❋❋

# ପ୍ରଭୋ, କାହା ପାଖକୁ ଯିବା ?

## (Lord, to whom shall we go ? )

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଥିବା ସମୟରେ ବହୁ ଜନସମାଜ ତାହାଙ୍କ ବାକ୍ୟ ଶ୍ରବଣ କରିବାକୁ ତାହାଙ୍କ ଅନୁସରଣ କରୁଥିଲେ । ସେ ଲୋକସମୂହକୁ ଦେଖି ପର୍ବତ ଆରୋହଣ କଲେ, ପୁଣି ଉପବେଶନ କଲା ପରେ ଅନେକେ ତାହାଙ୍କ ନିକଟକୁ ଆସିଲେ (ମାଥିଉ ୫:୧) । ସେ ଉପଦେଶ ଦେଇ ପର୍ବତରୁ ଅବତରଣ କଲେ ଓ ଅନେକେ ତାହାଙ୍କର ଅନୁସରଣ କଲେ । ସେ ପିତର ଗୃହରେ ପ୍ରବେଶ କରନ୍ତେ, ଅନେକେ ତାହାଙ୍କ ନିକଟକୁ ଅନେକେ ରୋଗାକ୍ରାନ୍ତ ମନୁଷ୍ୟକୁ ନେଇ ଆସିଲେ ଓ ସେ ସେମାନଙ୍କୁ ସୁସ୍ଥ କରିଥିଲେ । (ମାଥିଉ୮:୧୪-୧୬) ''ସର୍ବସାଧାରଣ ଲୋକେ ଆନନ୍ଦରେ ତାହାଙ୍କ କଥା ଶୁଣୁଥିଲେ......'' ବୋଲି ମାର୍କ ୧୨:୩୮ ପଦରେ ପଢ଼ିଥାଉଁ । ସେ ଗାଲୀଲୀ ସମୁଦ୍ର ପାର ହୋଇ ଯିବା ସମୟରେ ସୁଦ୍ଧା ଅନେକେ ତାହାଙ୍କ ପଶ୍ଚାଦ୍‌ଗମନ କରିଥିଲେ । (ଯୋହନ ୬:୧-୨)

ତାହାଙ୍କ ଶିକ୍ଷାରେ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅନେକେ ତାହାଙ୍କ ଅନୁସରଣ କରିବା ସହିତ ସଙ୍ଗେ ଅନେକେ ତାହାଙ୍କ ଶିକ୍ଷା ଯୋଗୁଁ ତାହାକୁ ପରିତ୍ୟାଗ କରିଥିଲେ । ସେ ୫,୦୦୦ ପୁରୁଷ ଓ ଅନେକ ସ୍ତ୍ରୀ ପିଲାପିଲିମାନଙ୍କୁ ପାଞ୍ଚ ରୋଟୀ ଓ ଦୁଇ ମାଛ ଦ୍ୱାରା ଖାଦ୍ୟ ପରିବେଷଣ କରିବାର, ପରଦିନ ସେ,''ଜୀବନଦାୟକ ଆହାର'' ବିଷୟରେ ଜନସମୂହଙ୍କୁ ବୁଝାଇ ଦେଇଥିଲେ । ତାହାଙ୍କ ଶିକ୍ଷା ଶୁଣି ଅନେକେ କହିଲେ,''........ଏ ଘୃଣାଜନକ କଥା, କିଏ ଏହା ଶୁଣିପାରେ ?'' (ଯୋହନ ୬:୬୦) ଯୀଶୁ ସେମାନଙ୍କ ଆଉ କେତୋଟି ବିଷୟ ବୁଝାଇବାକୁ ଚେଷ୍ଟା କରିବା ପରେ, ବାକ୍ୟ କହେ,''ସେହି ସମୟ ଠାରୁ ତାହାଙ୍କ ଶିଷ୍ୟମାନଙ୍କ ମଧ୍ୟରୁ ଅନେକେ ବିମୁଖ ହୋଇ ବାହାରିଗଲେ ପୁଣି ତାହାଙ୍କ ସାଙ୍ଗରେ ଆଉ ଗମନାଗମନ କଲେ ନାହିଁ ସେଥିରେ ଯୀଶୁ ଦ୍ୱାଦଶଙ୍କୁ ପଚାରିଲେ, ତୁମ୍ଭେମାନେ ମଧ୍ୟ କଅଣ ଚାଲିଯିବାକୁ ଇଚ୍ଛା କରୁଅଛ ? ଶିମୋନ ପିତର ତାହାଙ୍କୁ ଉତ୍ତର ଦେଲେ, ପ୍ରଭୋ, କାହା ପାଖକୁ ଯିବା ? ଆପଣଙ୍କ ପାଖରେ ଅନନ୍ତ ଜୀବନର ବାକ୍ୟ ଅଛି ।'' (ଯୋହନ ୬:୬୬-୬୮)

ପିତର ପଚାରିଥିବା ଏହି ପ୍ରଶ୍ନ ତାହାଙ୍କ ନିମନ୍ତେ ଓ ଅନ୍ୟ ପ୍ରେରିତମାନଙ୍କ ନିମନ୍ତେ ଏକ ପ୍ରଧାନ ପ୍ରଶ୍ନ ଥିଲା । ''କିଏ ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇପାରିବ ।

ତୁମ୍ଭର ବାକ୍ୟ ଜୀବନଦାୟକ ଅଟେ'' ବୋଲି ତାହାଙ୍କ ପ୍ରଶ୍ନର ଅର୍ଥ ଥିଲା ।

''ଜୀବନଦାୟକ ବାକ୍ୟ'' ପ୍ରେରିତମାନଙ୍କୁ ଯେପରି ଜଣେ କହିବାର ଆବଶ୍ୟକ ଥିଲା, ଆପଣଙ୍କୁ ଓ ମୋତେ ଜୀବନଦାୟକ ବାକ୍ୟ ଜଣେ କହିବାର ଆବଶ୍ୟକ ଅଛି । ପିତରଙ୍କ ସଦୃଶ୍ୟ ଆମ୍ଭେମାନେ ପ୍ରଭୁ ଯୀଶୁଙ୍କ ନିକଟକୁ ଯାଉ । ସେ ସ୍ୱଦାକାଳ ନିମନ୍ତେ 'ପ୍ରଭୁ' ଅଟନ୍ତି । ତାହାଙ୍କ ନିକଟରେ ଅନନ୍ତଜୀବନର ବାକ୍ୟ ଅଛି । ସେ ଆମ୍ଭମାନଙ୍କୁ ତାହାଙ୍କ ବାକ୍ୟ ଦ୍ୱାରା ଆଶୀର୍ବାଦ କରନ୍ତି ।

ସୃଷ୍ଟିର ସର୍ବ ଅଧିକାର ତାହାଙ୍କୁ ଦତ୍ତ ହୋଇଅଛି । (ମାଥିଉ ୨୮:୧୮) । ସେହି ଅଧିକାର ଦ୍ୱାରା ସେ ଆମ୍ଭମାନଙ୍କୁ ଅନନ୍ତଜୀବନ ପ୍ରାପ୍ତ ନିମନ୍ତେ କଅଣ କରିବା ଆବଶ୍ୟକ ଜଣାଇ ଦିଅନ୍ତି ।

ଅନନ୍ତଜୀବନ ମନୁଷ୍ୟମାନେ କିପରି ପାଇପାରିବେ ଯୀଶୁ ଜଣାଇବା ବିଷୟ, ପ୍ରେରିତମାନଙ୍କ ସଦୃଶ୍ୟ ମୁଖାମୁଖି ଭାବେ ତାହାଙ୍କ ବାକ୍ୟ ଶ୍ରବଣ କରି ନ ପାରୁଥିଲେ ସୁଦ୍ଧା, ତାହାଙ୍କ ବ୍ୟକ୍ତ ବାକ୍ୟ ଯାହା ଧର୍ମଶାସ୍ତ୍ରରେ ଲିଖିତ ହୋଇଅଛି, ତାହା ପଢ଼ି ପାଳନ କରି ଅନନ୍ତ ଜୀବନ ପ୍ରାପ୍ତ ହୋଇପାରିବା ।

ଯୀଶୁଖ୍ରୀଷ୍ଟ ତାହାଙ୍କ ଶିଷ୍ୟମାନଙ୍କ ଦ୍ୱାରା ତାହାଙ୍କ ବାକ୍ୟ ଆମ୍ଭମାନଙ୍କୁ ଦେଇଅଛନ୍ତି । ତାହାଙ୍କ ପୁନଃରୁଥାନ ପରେ ଶିଷ୍ୟମାନେ ପବିତ୍ର ଆତ୍ମା ପ୍ରାପ୍ତ ହେବେ ବୋଲି ପ୍ରତିଜ୍ଞା କରିଥିଲେ । ''କିନ୍ତୁ ସେହି ସାହାଯ୍ୟକାରୀ ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ତୁମ୍ଭମାନଙ୍କୁ ଯାହା ଯାହା କହିଅଛି, ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।'' (ଯୋହନ ୧୪:୨୬)

ସାହାଯ୍ୟକାରୀ ପବିତ୍ର ଆତ୍ମାଙ୍କୁ, ପ୍ରେରିତମାନେ ପେଣ୍ଟିକଷ୍ଟ ଦିନରେ ପ୍ରାପ୍ତ ହୋଇଥିଲେ । (ପ୍ରେରିତ ୨:୧-୪) ଯୀଶୁଖ୍ରୀଷ୍ଟ ସର୍ବସୃଷ୍ଟିକୁ ଯାଇ ସର୍ବତ୍ର ତାହାଙ୍କ ସୁସମାଚାର ଘୋଷଣା କରିବା ନିମନ୍ତେ ତାହାଙ୍କ ଶିଷ୍ୟମାନଙ୍କୁ ଆଜ୍ଞା ଦେଇଥିଲେ । (ମାର୍କ ୧୬:୧୫) । ''କିନ୍ତୁ ସେମାନେ ପ୍ରସ୍ଥାନ କରି ସର୍ବତ୍ର ପ୍ରଚାର କଲେ, ଆଉ ପ୍ରଭୁ ସେମାନଙ୍କର ସହବର୍ତ୍ତୀ ହୋଇ, ଅନୁବର୍ତ୍ତୀ ଚିହ୍ନଗୁଡ଼ିକ ଦ୍ୱାରା ସେହି ବାକ୍ୟ ପ୍ରମାଣସିଦ୍ଧ କଲେ ।'' (ମାର୍କ ୧୬:୨୦) ପବିତ୍ର ଆତ୍ମାରେ ପୂର୍ଣ୍ଣ ହେବାର ଦିନରୁ

ଆରମ୍ଭ କରି ସେମାନଙ୍କ ମରଣ ପର୍ଯ୍ୟନ୍ତ ପ୍ରେରିତମାନେ ଓ ଅନ୍ୟ ବିଶ୍ୱାସୀମାନେ ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ପ୍ରଚାର କରିଥିଲେ । ଅସଂଖ୍ୟ ଲୋକେ ସେହି "ଜୀବନଦାୟକ ଆହାର" ବିଷୟରେ ଜ୍ଞାତ ହେବା ନିମନ୍ତେ ସୁଯୋଗ ପ୍ରାପ୍ତ ହୋଇଥିଲେ ।

କେତେକ ପ୍ରେରିତଗଣ ଓ ଅନ୍ୟ ପବିତ୍ର ଆତ୍ମାଙ୍କ ଚାଳିତ ଲେଖକଗଣ, "ଅନନ୍ତଜୀବନର ବାକ୍ୟ" ଲେଖିଅଛନ୍ତି । ତାହା ପଢ଼ି ମନୁଷ୍ୟମାନେ ଯେପରି ପରିତ୍ରାଣ ପ୍ରାପ୍ତ ହୁଅନ୍ତି, ଏଥି ନିମନ୍ତେ ପରମେଶ୍ୱର ଲିଖିତ ବାକ୍ୟ ସଞ୍ଚୟ କରି ରଖିଅଛନ୍ତି । ତାହା ଆମ୍ଭେ "ନୂତନ ନିୟମ" ଭାବେ ଜାଣୁ । ନୂତନ ନିୟମ ପଢ଼ି ଅନନ୍ତ ଜୀବନ ଦାୟକ ବାକ୍ୟ ବିଷୟରେ ଜାଣିପାରୁ ଓ ଆଜ୍ଞାବହ ହୋଇ ପ୍ରାପ୍ତ ହୋଇପାରୁ । (୨ ପିତର ୧:୩, ୧୫, ୩୦:୧-୨, ଯିହୂଦା ୩) । ଏହି ବାକ୍ୟ ଆମ୍ଭେମାନେ ବିନା ଯୋଗ ଓ ବିୟୋଗରେ ଅନୁସରଣ କଲେ ପରିତ୍ରାଣ ପ୍ରାପ୍ତ ହେବା । (ପ୍ରକାଶିତ ୨୨:୧୮-୧୯)

ପବିତ୍ର ଆତ୍ମାଙ୍କ ଚାଳନାରେ ଲିଖିତ ଏହି "ଜୀବନ ଦାୟକ ବାକ୍ୟ" ଆମ୍ଭେମାନେ ପଢ଼ିବା ସମୟରେ, ଯଦିଓ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରତ୍ୟକ୍ଷ ଭାବେ କଥା କହୁ ନାହାନ୍ତି, ତଥାପି ସେ ଆମ୍ଭମାନଙ୍କୁ ବ୍ୟକ୍ତିଗତ ଭାବେ କଥା କହୁଅଛନ୍ତି । ସେ ଏବେ ବି ଜଗତର ପ୍ରଭୁ ଅଟନ୍ତି । ତାହାଙ୍କ ନିକଟରେ ଅନନ୍ତଜୀବନ ଅଛି । ତାହାଙ୍କ ବାକ୍ୟ ଶ୍ରବଣ କରି ଆଜ୍ଞାବହ ହେବା ପ୍ରତ୍ୟେକଙ୍କ ନିମନ୍ତେ ସେ ରକ୍ଷାକର୍ତ୍ତା ଅଟନ୍ତି ।

*- Alfred A. Meeks Sr.*

❋❋❋


Hear **"SATYAVANI"** in ORIYA

A Radio Programme presented by

Churches of Christ on **Radio Srilanka**

**Every Sunday at 6.45 a.m.**

*Do not miss this great opportunity.*

*Tell others !*

# ନିକଟ ଅତୀତରେ କି ନରକ ବିଷୟ ଶୁଣିଥିଲେ ?

## (Have you heard About Hell Lately ? )

କେତେଦିନ ତଳେ ଆପଣ ନରକ ବିଷୟରେ ଶୁଣିଥିଲେ ? ନରକକୁ ଯିବାକୁ ଅନିଚ୍ଛୁକ ଲୋକେ ଧାର୍ମିକ ଜୀବନଯାପନ କରିବାକୁ ନିର୍ଣ୍ଣୟ କରନ୍ତି । ନରକ ଆଦ୍ୟରେ ଯେପରି ଭୟଙ୍କର ଥିଲା, ଏବେ ବି ସେହିପରି ଭୟଙ୍କର ଅଟେ । କିନ୍ତୁ ଆଜିକାଲି ମଣ୍ଡଳୀଗୁଡ଼ିକରେ ନରକ ବିଷୟକ ସତର୍କତାର ବାଣୀ ହ୍ରାସ ପାଉଅଛି । ନରକ ବିଷୟକ ଭୟଙ୍କରତା ଶ୍ରବଣ କରିବାକୁ କେହି ଇଚ୍ଛୁକ ନୁହନ୍ତି । ପ୍ରେମମୟ, ଦୟାମୟ, କରୁଣାମୟ ପିତା ପରମେଶ୍ୱର, ଆମ୍ଭମାନଙ୍କୁ କଦାପି ନରକ ପରି ଭୟଙ୍କର ସ୍ଥାନକୁ ଫୋପାଡ଼ି ଦେବେ ନାହିଁ ବୋଲି ଅନେକଙ୍କ ମନୋଭାବ । କିନ୍ତୁ ବାଇବଲର ବାକ୍ୟ ଏହି ମତବାଦକୁ ସମର୍ଥନ କରେ ନାହିଁ ।

ପାପର ପ୍ରତିଫଳ ନରକ ଯନ୍ତ୍ରଣା । ଆମ୍ଭମାନଙ୍କୁ ପାପର ପ୍ରତିଫଳ ଭୋଗ କରିବା ନିମନ୍ତେ, ପରମେଶ୍ୱର ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରି ଆପଣା ପ୍ରେମ ପ୍ରକଟ କରିଅଛନ୍ତି । "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେକେହି ତାହାଙ୍କ ଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।" (ଯୋହନ ୩:୧୬) ପାପର ଭୟଙ୍କରତା ନ ବୁଝି କେହି ଖ୍ରୀଷ୍ଟଙ୍କ ଅନୁଗ୍ରହ କିଅବା କ୍ରୁଶୀୟ ମରଣ ଭୋଗିବାର ତ୍ୟାଗ ବିଷୟରେ ବୁଝି ପରେ ନାହିଁ ।

ବାଇବଲରେ ନରକ ବିଷୟରେ ବାରମ୍ବାର କୁହାଯାଇଅଛି । ଅନନ୍ତ ଶାସ୍ତି ନିମନ୍ତେ ନିରୁପିତ ଅନନ୍ତ ସ୍ଥାନର ଗ୍ରୀକ୍ ନାମ "**GEHENA**", ଏହି ପଦ ନୂତନ ନିୟମରେ ୧୧ ଥର ପଢ଼ିପାରୁ । ଏଗାର ଥରରୁ ଯୀଶୁଖ୍ରୀଷ୍ଟ ଏହି ବିଷୟରେ ୧୦ ଥର କହିଅଛନ୍ତି । ନରକକୁ ଅନ୍ୟ ଭାଷାରେ "ଅନନ୍ତ ଅଗ୍ନି" (ମାଥିଉ ୨୫:୪୬), "ଅଗ୍ନି ଓ ପ୍ରଜ୍ୱଳିତ ହ୍ରଦ" (ପ୍ରକାଶିତ ୨୧:୮), "ଦ୍ୱିତୀୟ ମରଣ" (ରୋମୀୟ ୬:୨୩, ପ୍ରକାଶିତ ବାକ୍ୟ ୨୧:୮) ବୋଲି ମଧ୍ୟ କୁହାଯାଏ ।

ନରକ ବାସ୍ତବରେ ଅଛି ! ଅଧିକାଂଶ ମନୁଷ୍ୟ ଶେଷରେ ସେଠାକୁ ଯିବେ । କାରଣ ସେମାନେ ସେପରି ଜୀବନଯାପନ କରିବା ନିମନ୍ତେ ନିର୍ଣ୍ଣୟ କରିଅଛନ୍ତି । କେହି କି ନରକକୁ ଯିବାକୁ ଇଚ୍ଛା କରେ ? କଦାପି ନୁହେଁ । ନରକକୁ ଯିବାକୁ ଅନିଚ୍ଛୁକ

ଲୋକେ ଯୀଶୁଖ୍ରୀଷ୍ଟଙ୍କ ସୁସମାଚାରର ଆଜ୍ଞାବହ ହେବା ଦ୍ୱାରା ପାପକ୍ଷମା ପ୍ରାପ୍ତ ହୋଇ ସ୍ୱର୍ଗକୁ ଯାଇପାରିବେ ! (୧ମ ପିତର ୧:୨୨-୨୩) । ମରଣ ପର୍ଯ୍ୟନ୍ତ ବିଶ୍ୱସ୍ତ ଜୀବନଯାପନ କଲେ, ଆମ୍ଭେମାନେ ଜୀବନରୂପ ମୁକୁଟ ପ୍ରାପ୍ତ ହେବା । (ପ୍ରକାଶିତ ୨:୧୦) ଆପଣ ଅନନ୍ତ ଜୀବନ କେଉଁଠି ବିତାଇବେ ? ସ୍ୱର୍ଗରେ ନା ନରକରେ ? ତାହା କେବଳ ଆପଣ ନିର୍ଣ୍ଣୟ କରିପାରିବେ ।

***- Rod Rutherford***

❋❋❋

# ଖ୍ରୀଷ୍ଟ, ଦୂତମାନଙ୍କ ଠାରୁ ମହାନ୍
## (Superity of Christ to Angels)

ଖ୍ରୀଷ୍ଟ, ପୁରାତନ ନିୟମର ଭାବବାଦୀମାନଙ୍କ ଠାରୁ ମହାନ୍ ବୋଲି ଏବ୍ରୀ ପୁସ୍ତକ ପ୍ରଥମ ଅଧ୍ୟାୟରେ କୁହାଯାଇଅଛି, ସେ, ଦୂତମାନଙ୍କ ଠାରୁ ମହାନ୍ ବୋଲି ମଧ୍ୟ କୁହାଯାଇଅଛି । ଦୂତମାନେ ପ୍ରଭାବଶାଳୀ, କିନ୍ତୁ ପରମେଶ୍ୱର ସେମାନଙ୍କ ଠାରୁ ଅତ୍ୟଧିକ ଭାବେ ପ୍ରଭାବଶାଳୀ ଅଟନ୍ତି । ଖ୍ରୀଷ୍ଟ, ପିତା ପରମେଶ୍ୱରଙ୍କ ପ୍ରତିବିମ୍ବ ଅଟନ୍ତି, ସେ ନିଶ୍ଚିତ ଭାବେ ଦୂତମାନଙ୍କ ଠାରୁ ମହାନ୍ ଅଟନ୍ତି ।

ଯୀଶୁଖ୍ରୀଷ୍ଟଙ୍କ ଶ୍ରେଷ୍ଠତା ତାହାଙ୍କ ନାମ ଦ୍ୱାରା ପ୍ରକଟିତ ହୁଏ । "ପୁଣି, ଯେଉଁ ସମୟରେ ସେ ପ୍ରଥମଜାତଙ୍କୁ ପୁନର୍ବାର ଜଗତ ମଧ୍ୟରେ ପ୍ରବେଶ କରାଇବେ, ସେହି ସମୟକୁ ଲକ୍ଷ୍ୟ କରି ସେ କହନ୍ତି, ଈଶ୍ୱରଙ୍କର ସମସ୍ତ ଦୂତ ତାହାଙ୍କୁ ପ୍ରଣାମ କରନ୍ତୁ ।" (ଏବ୍ରୀ ୧:୬) । ଯୀଶୁଖ୍ରୀଷ୍ଟଙ୍କୁ ଉପାସନା ନ କରିବା ଦୂତମାନଙ୍କ ନିମନ୍ତେ ସ୍ୱର୍ଗରେ ସ୍ଥାନ ନାହିଁ । ଖ୍ରୀଷ୍ଟଙ୍କ ଜନ୍ମ ସମୟରେ ଦୂତମାନେ ତାହାଙ୍କ ଉପାସନା କରିଥିଲେ । (ଲୂକ ୨:୧୩-୧୪) ଏବଂ ସଦାକାଳ କରନ୍ତି ।

ଦୂତମାନେ କେବଳ ସେବାକାରୀ ଆତ୍ମା ଅଟନ୍ତି । ଏବ୍ରୀ ପୁସ୍ତକକର୍ତ୍ତା ଦୂତମାନଙ୍କ ବିଷୟରେ ଲେଖନ୍ତି, "ଏମାନେ ସମସ୍ତେ କଅଣ ସେବାକାରୀ ଆତ୍ମା ନୁହନ୍ତି, ପୁଣି ପରିତ୍ରାଣର ଭାବୀ ଅଧିକାରୀମାନଙ୍କର ସେବା କରିବାକୁ କି ସେମାନେ ପ୍ରେରିତ ହୋଇନାହାନ୍ତି ?" (ଏବ୍ରୀ ୧:୧୪) । ଖ୍ରୀଷ୍ଟ ଆତ୍ମିକ ଜଗତର ସମ୍ରାଟ ଅଟନ୍ତି, ସେବା କରିବା ନିମନ୍ତେ ସ୍ୱର୍ଗରୁ ଦୂତମାନଙ୍କୁ ପ୍ରେରିତ କରନ୍ତି । ଦୂତମାନେ ସଦାପ୍ରଭୁଙ୍କ

ଆଜ୍ଞା ବହନକାରୀ ସେବକ ଅଟନ୍ତି । ଏକ ପକ୍ଷରେ ସେ ଦୂତମାନଙ୍କ ବିଷୟରେ କହନ୍ତି, ‘‘ସେ ଆପଣା ଦୂତମାନଙ୍କୁ ଅଗ୍ନିର ଶିଖା ସ୍ୱରୂପ କରନ୍ତି, ଅନ୍ୟ ପକ୍ଷରେ ସେ ପୁତ୍ରଙ୍କ ବିଷୟରେ କହନ୍ତି, ‘‘ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ, ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ । ତୁମ୍ଭେ ଧାର୍ମିକତାକୁ ପ୍ରେମ କରିଅଛ ଓ ଅଧାର୍ମିକତାକୁ ଘୃଣା କରିଅଛ ତେଣୁ ଈଶ୍ୱର, ତୁମ୍ଭର ଈଶ୍ୱର ତୁମ୍ଭ ସଙ୍ଗୀମାନଙ୍କ ଅପେକ୍ଷା ତୁମ୍ଭକୁ ଅଧିକ ଆନନ୍ଦରୂପ ତୈଳରେ ଅଭିଷିକ୍ତ କରିଅଛନ୍ତି ।’’ (ଏବ୍ରୀ ୧:୭-୯) । ଆନନ୍ଦରୂପ ତୈଳରେ ଅଭିଷିକ୍ତ ହୋଇଥିବାରୁ ସେ ଅନ୍ୟମାନଙ୍କ ଠାରୁ ଶ୍ରେଷ୍ଠତର ଅଟନ୍ତି । ଯୀଶୁଖ୍ରୀଷ୍ଟ ଭାବବାଦୀ, ଯାଜକ ଓ ରାଜା ରୂପେ ଅଭିଷିକ୍ତ ବ୍ୟକ୍ତି ଅଟନ୍ତି । ‘‘ପୁଣି ବିଶ୍ୱସ୍ତ ସାକ୍ଷୀ, ମୃତମାନଙ୍କ ମଧ୍ୟରୁ ପ୍ରଥମ ଜାତ ଓ ପୃଥିବୀର ରାଜାମାନଙ୍କ ରାଜା, ଯୀଶୁଖ୍ରୀଷ୍ଟଙ୍କ ଠାରୁ ଅନୁଗ୍ରହ ଓ ଶାନ୍ତି ତୁମ୍ଭମାନଙ୍କ ପ୍ରତି ହେଉ । ଯେ ଆମ୍ଭମାନଙ୍କୁ ପ୍ରେମ କରି ଆପଣା ରକ୍ତ ଦ୍ୱାରା ଆମ୍ଭମାନଙ୍କୁ ଆମ୍ଭମାନଙ୍କ ପାପରୁ ମୁକ୍ତ କରିଅଛନ୍ତି ।’’ (ପ୍ରକାଶିତ ୧:୫)

ପିତା ପରମେଶ୍ୱର ତାହାଙ୍କୁ ‘‘ଈଶ୍ୱର’’ ବୋଲି ସମ୍ବୋଧନ କରନ୍ତି । ‘‘ଅନ୍ୟ ପକ୍ଷରେ ସେ ପୁତ୍ରଙ୍କ ବିଷୟରେ କହନ୍ତି, ‘‘ହେ ଈଶ୍ୱର, ତୁମ୍ଭର ସିଂହାସନ ଅନନ୍ତକାଳସ୍ଥାୟୀ, ପୁଣି ନ୍ୟାୟର ଦଣ୍ଡ ତୁମ୍ଭର ରାଜଦଣ୍ଡ ଅଟେ ।’’ (ଏବ୍ରୀ ୧:୮) ଏହି ବାକ୍ୟ ଗୀତ ୪୫:୬ ପଦରୁ ଉଦ୍ଧୃତ ଅଟେ । ପିତା ଈଶ୍ୱର ତାହାଙ୍କୁ ‘‘ଈଶ୍ୱର’’ ବୋଲି ସମ୍ବୋଧନ କରୁଥିବାରୁ ସେ ନିଶ୍ଚିତ ଭାବେ ‘‘ଈଶ୍ୱର’’ ଅଟନ୍ତି ।

ବିଶ୍ୱର ସୃଷ୍ଟି ଯୀଶୁଖ୍ରୀଷ୍ଟଙ୍କୁ ମହତ୍ତର ରୂପେ ପ୍ରମାଣିତ କରେ । ଯୀଶୁଖ୍ରୀଷ୍ଟ ଅପରିବର୍ତ୍ତନୀୟ ସୃଷ୍ଟିକର୍ତ୍ତା ଅଟନ୍ତି । (ଏବ୍ରୀ ୧:୧୦-୧୨) ସେ ସୃଷ୍ଟିକର୍ତ୍ତା ଅଟନ୍ତି ଓ ସେ ରାଜ୍ୟ କରନ୍ତି । (ଯୋହନ ୧:୧-୪) ସେ ଈଶ୍ୱର ଓ ମନୁଷ୍ୟ ମଧ୍ୟରେ ମଧ୍ୟସ୍ଥ ହୋଇଥିବାରୁ, ଅଧିକାରୀ ଅଟନ୍ତି । (୧ମ ତୀମଥି ୨:୫) ସେ ସୃଷ୍ଟିକର୍ତ୍ତା, ମଧ୍ୟସ୍ଥ ଈଶ୍ୱର ହୋଇଥିବାରୁ, ସେ ରାଜ୍ୟ କରନ୍ତି ।

ସେବାକାରୀ ଦୂତମାନେ ଯୀଶୁଖ୍ରୀଷ୍ଟଙ୍କ ସେବା କରୁଥିବାରୁ, ସେ ଦୂତମାନଙ୍କ ଠାରୁ ଶ୍ରେଷ୍ଠତର ଅଟନ୍ତି । ‘‘ଆଉ, ଆମ୍ଭେ ଯେ ପର୍ଯ୍ୟନ୍ତ ତୁମ୍ଭର ଶତ୍ରୁମାନଙ୍କୁ ତୁମ୍ଭର ପାଦପୀଠ କରିନାହୁଁ, ସେ ପର୍ଯ୍ୟନ୍ତ ଆମ୍ଭର ଦକ୍ଷିଣରେ ବସିଥାଅ, ଏହା ସେ ଦୂତମାନଙ୍କ ମଧ୍ୟରେ କାହାକୁ କେବେ କହିଅଛନ୍ତି ? ଏମାନେ ସମସ୍ତେ କଅଣ ସେବାକାରୀ ଆତ୍ମା

ନୁହନ୍ତି, ପୁଣି ପରିତ୍ରାଣର ଭାବୀ ଅଧିକାରୀମାନଙ୍କର ସେବା କରିବାକୁ କି ସେମାନେ ପ୍ରେରିତ ହୋଇନାହାନ୍ତି ?'' (ଏବ୍ରୀ ୧:୧୩-୧୪)

ସଦାପ୍ରଭୁ ପରମେଶ୍ୱର ଯୀଶୁଖ୍ରୀଷ୍ଟଙ୍କ ବିଷୟରେ ଯାହା ଯାହା କହିଅଛନ୍ତି, ଦୂତମାନଙ୍କ ଉଦ୍ଦେଶ୍ୟରେ ତାହା କହିନାହାନ୍ତି ।

ଯୀଶୁଖ୍ରୀଷ୍ଟ ଦୂତମାନଙ୍କ ଠାରୁ ମହାନ୍ ଅଟନ୍ତି । ସେ ମହାନ୍ ହୋଇଥିବାରୁ, ତାହାଙ୍କ ବାକ୍ୟ ଆମ୍ଭେମାନେ ଅବଧାନ କରୁ । ମାର୍କ ୧୬:୧୫-୧୬ ଲିଖିତ ଆଜ୍ଞା କି ଆପଣ ପାଳନ କରିଅଛନ୍ତି । ଯାହା କହେ,''ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ, ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ, ସେ ଦଣ୍ଡାଜ୍ଞା ପାଇବ ।'' (ମାର୍କ ୧୬:୧୬) । ଖ୍ରୀଷ୍ଟଙ୍କ ଜ୍ଞାନରେ ଅଭିବୃଦ୍ଧି ହେବା ନିମନ୍ତେ ଏବ୍ରୀ ୫:୧୨-୧୪ ପଦଗୁଡ଼ିକରେ ଯାହା ଯାହା କୁହାଯାଇଅଛି । ତାହା କି ପାଳନ କରିଅଛନ୍ତି ? ଆପଣ ଯଦି ସେ ମହାନ୍ ବୋଲି ବିଶ୍ୱାସ କରୁଅଛନ୍ତି ତେବେ କି ଆପଣ ତାହାଙ୍କୁ ପ୍ରେମ କରି ତାହାଙ୍କ ସେବା ନ କରିବେ ?

*- Charles Box*

❋❋❋


ଖ୍ରୀଷ୍ଟଙ୍କ ମଣ୍ଡଳୀ ଦ୍ୱାରା ପ୍ରାୟୋଜିତ

**''ସତ୍ୟବାଣୀ''**

ରେଡ଼ିଓ କାର୍ଯ୍ୟକ୍ରମ **Radio Srilanka** ଦ୍ୱାରା ଶୁଣନ୍ତୁ

**ଦିନ : ପ୍ରତି ରବିବାର**

**ସମୟ : ସକାଳ ଘ ୬.୪୫ ମି**

*ଆପଣା ବନ୍ଧୁ ଓ ମିତ୍ରମାନଙ୍କୁ ଏହି ଶୁଭବାର୍ତ୍ତା ଜଣାନ୍ତୁ ।*


**Edited & Published by : Kabita & Joshua Gootam**

# THE COMING OF THE DEVIL (LK. 8:12)

## NTRODUCTION:

. We usually think about the coming of Christ but forget about the Devil in this relation.

. The Bible has more to say on this subject than of the coming of Christ.

. The purpose of the Devil's coming :

a. To tempt all.

b. The deceive honest souls.

c. To keep man from being saved.

. A warning concerning the Devil's appearance should keep us on the alert.

. It is possible to overthrow the Devil and his will.

## ISCUSSION :

**. The Devil's Appearance.**

1. A serpent. (Gen. 3:1 - 13).
2. As a roaing lion. (1 Pet. 5:8).
3. An angel of light. (2Cor. 11:14).

**3. The Coming of The Devil.**

1. Bible days.

a. The Devil came to Eve. (Gen 1:1-13).

b. The Devil came to Cain. (Gen. 4:1-14).

c. The Devil came to the Children of Israel. (1 Cor. 10:1-12).

d. The Devil came to Christ. (Matt. 4:1-11).

e.The Devil came to Judas. (Matt..26:14-16).

f. The Devil came to Peter. (Matt. 27. 69-75).

g. The Devil came to Ananias and Saphira. (Acts 5:1-11).

h. The Devil came to Saul. (Acts 9:1,2).

i. The Devil came to Demas. (2 Tim 4:10).

2. Present days.

a. The Devil comes to the sinner.

(1) To keep him from obeying the gospel.

(2) To keep him away from the church.

b. The Devil comes to the erring Christian.

(1) To tell him that he is alright where he is.

(2) To tell him that he is as good as the other fellow

c. The devil comes to the Christian.

(1) To try to get him back into the world.

(2) To Keep him away from the assemblies. (3) To Keep him fruitl

**C. The Manner In Which To Deal With The Devil.**

1. Reject him altogether. (James 4:7).
2. Put God first in everything (Matt. 6:33).

**CONCLUSION :**

1. Must overcome every temptation (James 1:12).
2. The Lord has promised to make a way of escape for us(1 Cor. 10:1
3. In all things be strong in the Lord and the power of his might (Eph. 6:10).

*- J.C. Choate.*

Printed Book Only

From:

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)